## ଜୁଏଲାରୀ ଦୋକାନରୁ ଅଳଙ୍କାର ଚୋରି ଘଟଣା: ୪ ଗିରଫ

**ପାଟଣା,(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ମୁଖ୍ୟାଳୟ ସ୍ଥିତ ପାଟଣା ମୁଖ୍ୟ ବଜାରର ଅଜୟ କୁମାର ପରିଡାଙ୍କ ପ୍ରମିଳା ଜୁଏଲାରୀରୁ ଜାନୁୟାରୀ ୧୫ ରାତିରେ ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଓ ରୁପା ଗହଣା ଚୋରି ଘଟଣାରେ ପାଟଣା ପୋଲିସ ସୋମବାର ୪ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ପୁଟିଆପଦର ଗ୍ରାମର ମୁନା ଜେନା, କେନ୍ଦୁଝର ଜିଲା ରାମଲା ଗାଁର ଶ୍ରୀକାନ୍ତ ସାହୁ, ଡିମ୍ବ ଗ୍ରାମର ଦୁଇ ଭାଇ ଅକ୍ଷୟ କୁମାର ପାତ୍ର ଓ ଚିତ୍ତରଞ୍ଜନ ପାତ୍ର। ଏନେଇ ପାଟଣା ପୋଲିସ ଏକ ମାମଲା (ନଂ.୧୦/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ଆଜି କ'ଣ କେଉଁଠି

### ଭଦ୍ରକ

- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ। ସ୍ଥାନ: ସାଇ ବିନାୟକ ଇଣ୍ଟରନ୍ୟାଶନାଲ ସ୍କୁଲ, ପ୍ରାଚୀନଗର, ଭଦ୍ରକ। ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାମାଜିକ ବାସନ୍ଦ ବିରୋଧରେ ଅନଶନ। ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ। ସମୟ: ମଧ୍ୟାହ୍ନ ୧୨ଟା।
- ବିଜେଡିର ନିର୍ବାଚନ ସଭା। ସ୍ଥାନ: ବିଦେଇପୁର ବଜାର, ବାସୁଦେବପୁର। ସମୟ: ପୂର୍ବାହ୍ନ ୧୦ଟା।

### କେନ୍ଦୁଝର

- ସେମି ଫାଇନାଲ ମ୍ୟାଚ ଛତିଶଗଡ ସ୍ପୋର୍ଟ୍ସ ଏବଂ ୟୁ ଆଣ୍ଡ ମି ବାଲେଶ୍ୱର। ସ୍ଥାନ: ହାଟଡିହୀ ମଠ କପୁଣ୍ଡି ମିନି ଷ୍ଟାଡିୟମ। ସମୟ: ପୂର୍ବାହ୍ନ ୧୧ଟା।

### ବାଲେଶ୍ୱର

- ସାମୁଦ୍ରିକ ନୀଳରକ୍ତ କଙ୍କଡ଼ା ଓ ଜୈବ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ସାକ୍ଷାତ୍। ସ୍ଥାନ: ଜିଲାପାଳଙ୍କ ଅଫିସ୍। ସମୟ: ପୂର୍ବାହ୍ନ ୧୧ଟା।
- ରୂପ୍‌ସା ହଳଦୀପଦା ଷ୍ଟେଶନରେ ରେଳରୋକୋ ପାଇଁ ପ୍ରସ୍ତୁତି ବୈଠକ। ସ୍ଥାନ : ହଳଦୀପଦା ଷ୍ଟେଶନ। ସମୟ: ପୂର୍ବାହ୍ନ ୧୧ଟା।

# ନାହିଁ ନାହିଁରେ ଚାଲିଛି ଡାକ୍ତରଖାନା

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବି



ବୈଶିଙ୍ଗା ଡାକ୍ତରଖାନା।

**ବୈଶିଙ୍ଗା,୮।୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ ବୈଶିଙ୍ଗାଠାରେ ୧୯୨୫ରେ ତତ୍କାଳୀନ ମୟୂରଭଞ୍ଜ ରାଜ୍ୟର ପ୍ରଜାବତ୍ସଳ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଡାକ୍ତରଖାନା ଏବେ ନାନା ସମସ୍ୟାରେ ଗତି କରୁଛି। ଏହି ଡାକ୍ତରଖାନାକୁ ଶହେ ବର୍ଷ ପୂରିବାକୁ ବସିଥିବା ବେଳେ ରାଜନୈତିକ ଅବହେଳା ଯୋଗୁ ଏହାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ବେତନଟୀ ବ୍ଲକ ଅନ୍ତର୍ଗତ ୨୪ଟି ପଞ୍ଚାୟତ ମଧ୍ୟରୁ ପ୍ରାୟ ୧୭ଟି ପଞ୍ଚାୟତର ୫୦ ହଜାର ଜନ ସାଧାରଣଙ୍କ ଜୀବନରେଖା ପାଲଟି ଥିବା ଏହି ଚିକିତ୍ସାଳୟ ଏବେ ସାମାନ୍ୟତମ ଚିକିତ୍ସା ସୁବିଧା ଯୋଗାଇ ଦେବାରେ ଅକ୍ଷମ ହୋଇ ପଡ଼ିଛି। ଦୈନିକ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୫୦ରୁ ଅଧିକ ରୋଗୀ ଆସୁଥିବା ବେଳେ ସାଧାରଣ ଥଣ୍ଡା ଓ ଜ୍ୱର ରୋଗୀଙ୍କୁ ଔଷଧ ଦେଇ ବିଦା କରି ଦିଆଯାଉଛି। ଗୁରୁତର ରୋଗୀମାନଙ୍କୁ ବାଲେଶ୍ୱର କିମ୍ବା ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ଯିବା ପାଇଁ ପରାମର୍ଶ ଦିଆଯାଉଥିବା ଅଭିଯୋଗ ହେଉଛି।

୩ ଅସ୍ଥାୟୀ ଆୟୁଷ ଡାକ୍ତର ଓ ୨ ଅସ୍ଥାୟୀ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନେଇ ଚାଲିଛି ଡାକ୍ତରଖାନା। ଦୁଇ ବର୍ଷ ହେବ ଏହାକୁ ୱେଲନେଶ ସେଣ୍ଟର ନାମକରଣ କରାଯାଇଛି। କିନ୍ତୁ ସ୍ଥାୟୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ଦିଆଯାଇ ପାରିନାହିଁ। ସେବିକା ପଦବୀ ଖାଲି ପଡ଼ିଛି। ଦୀର୍ଘ ବର୍ଷ ଧରି ମହାରାଜାଙ୍କ ସମୟରେ ତିଆରି ହୋଇଥିବା ଘରେ ଚାଲିଛି ଡାକ୍ତରଖାନା। ଠିକାଦାରଙ୍କୁ ବିଲ୍ ପଇଠ ହୋଇ ନ ଥିବାରୁ ନିର୍ମାଣାଧୀନ ନୂତନ କୋଠା ଅଧାରୁ ବନ୍ଦ ହୋଇଯାଇଛି। ବାରଣ୍ଡାରେ ଡ୍ରେସିଂ ଚାଲିଛି। ୧୮ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ଚିକିତ୍ସାଳୟକୁ ଅଧିକାଂଶ ସମୟରେ ଦୁର୍ଘଟଣା ଜନିତ ଗୁରୁତର ରୋଗୀ ଆସିଥାନ୍ତି। ମାତ୍ର ଏଠାରେ କୌଣସି ଚିକିତ୍ସା ସୁବିଧା ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆ ଯାଇଥାଏ। ତେଣୁ ଜରୁରୀକାଳୀନ ଭିତ୍ତିରେ ଏକ ଟ୍ରମା ସେଣ୍ଟର, ଏକ୍ସରେ ମେଶିନ ଏବଂ ଅସ୍ଥିଶଲ୍ୟ ଓ ଭେଷଜ ବିଶେଷଜ୍ଞ ନିଯୁକ୍ତି ସଙ୍ଗେ ସଙ୍ଗେ କୋଡ଼ିଏ ଶଯ୍ୟା ବିଶିଷ୍ଟ ଇନଡୋର୍ ରୋଗୀ ପ୍ରକୋଷ୍ଠ ସ୍ଥାପନ ପାଇଁ ସାମାଜିକ କର୍ମୀ ବିବେକାନନ୍ଦ ପଣ୍ଡା ଦାବି କରିଛନ୍ତି। ରାତି ସମୟରେ ଉଚ୍ଚକ୍ଷମତା ସମ୍ପନ୍ନ ଲାଇଟ ଆବଶ୍ୟକ ଏବଂ କର୍ମଚାରୀମାନଙ୍କର ରହିବା ନିମନ୍ତେ ଗୃହ ନିର୍ମାଣ ସଙ୍ଗେ ସଙ୍ଗେ କୁକୁର କାମୁଡ଼ା ଓ ସାପ କାମୁଡ଼ା ଇଞ୍ଜେକ୍ସନ ଉପଲବ୍ଧ କରାଇବା ନିମନ୍ତେ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତିର ସଭ୍ୟ ସନ୍ତୋଷ କୁମାର ଖଣ୍ଡା ଦାବି କରିଛନ୍ତି। ଦିବଂଗତ ବାଲେଶ୍ୱର ଏମ୍‌ପି କାର୍ତ୍ତିକ ମହାପାତ୍ରଙ୍କ ହାତ ପାଣ୍ଠି ଅର୍ଥରୁ ମିଳିଥିବା ମାରୁତି ଆମ୍ବୁଲାନ୍ସ ଗାଡ଼ି ନିମନ୍ତେ ଡ୍ରାଇଭର ନିଯୁକ୍ତି ଦିଆ ଯାଉ ନ ଥିବା କାରଣରୁ ଗ୍ୟାରେଜରେ ପଡ଼ି ରହି ଏହା ଖତ ହେବାକୁ ବସିଲାଣି। ତେଣୁ ତୁରନ୍ତ ଏହି ଚିକିତ୍ସାଳୟକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦିଆଯିବା ନିମନ୍ତେ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ବୈଶିଙ୍ଗା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବରିଷ୍ଠ ଆଇନଜୀବୀ କ୍ଷେତ୍ର ମୋହନ ପଣ୍ଡା, ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷାବିତ ସୀତାନାଥ ବେହେରା, ଶିବାଜୀ ଯୁବକ ସଂଘ ଓ ମହାତ୍ମା ଗାନ୍ଧୀ ଫାଉଣ୍ଡେସନ ତରଫରୁ ଦାବି କରାଯାଇଛି।

# ଯୌତୁକ ଦାବିରେ ବଧୂ ହତ୍ୟା ଅଭିଯୋଗ

**କେନ୍ଦୁଝର,୮।୨(ସ୍ୱ.ପ୍ର.)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଦେଉଳବିଲ ଗ୍ରାମରେ ଜଣେ ମହିଳାଙ୍କୁ ଅଧିକ ଯୌତୁକ ଦାବିରେ ଶାଶୁ ଘର ଲୋକେ ନିଆଁ ଲଗାଇ ପୋଡ଼ି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଥିବାବେଳେ ସୋମବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଝୁମ୍ପୁରା ଅଞ୍ଚଳର ରମା ରଞ୍ଜନ ମହାନ୍ତିଙ୍କ ଝିଅ ମାନସୀଙ୍କୁ ଦେଉଳବିଲ ଗ୍ରାମର ସୁନୀଲ ମହାନ୍ତ ୩ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଶାଶୁ ଘର ଲୋକେ ତାଙ୍କୁ ଯୌତୁକ ପାଇଁ ଏକ ଲକ୍ଷ ଅଶୀ ହଜାର ଟଙ୍କା ମାଗିଥିଲେ। ନ ଦେବାରୁ ଜଣେ ସମ୍ପର୍କୀୟ ଦେଢ଼ଶୁର ମାନସୀଙ୍କ ଗୋଡ଼ ବାନ୍ଧି ଦେବା ପରେ ଶାଶୁ ନିଆଁ ଲଗାଇ ପୋଡ଼ି ହତ୍ୟା କରିଥିବା ନେଇ ମୃତ୍ୟୁ ପୂର୍ବରୁ ଝିଅ ଜଣାଇଥିବା ରମା ରଞ୍ଜନ ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୪ ତାରିଖରେ ପୋଲିସଠାରୁ ଖବର ପାଇ ରମା ରଞ୍ଜନ ମେଡିକାଲ ଯାଇଥିଲେ। ସେଠାରେ ତାଙ୍କ ଝିଅ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୪୩/୨୧ ) ରୁଜୁ କରି ତଦନ୍ତ ଜାରି ରଖିଥିବା ସଦର ଥାନା ଅଧିକାରୀ ଜୟ ନାରାୟଣ ଖଣ୍ଡେଇ କହିଛନ୍ତି।

# ଜଳଯୋଗାଣ ବନ୍ଦ ଚେତାବନୀ

**ବାରିପଦା ଅଫିସ,୮।୨**

ସ୍ୱାବଲମ୍ବୀ କାରିଗର ସଂଘ(ଏସ୍‌ଇଏମ୍) ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ବୈଠକ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲା ଶାଖାର ସଭାପତି ଚନ୍ଦ୍ରଶେଖର ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ବଳବନ୍ତରାୟ ଯୋଗଦେଇ ସଂଘର ସଦସ୍ୟମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହାର ସମାଧାନ ନିମନ୍ତେ ସରକାରଙ୍କଠାରେ ବାରମ୍ବାର ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ସେମାନଙ୍କ ଦାବିଗୁଡ଼ିକ ପୂରଣ କରା ନ ଗଲେ ଆଗାମୀ ଦିନରେ ଜଳଯୋଗାଣ ବନ୍ଦ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ବୈଠକରେ ଜିଲା ସମ୍ପାଦକ ସୁନୀଲ ମହାନ୍ତ ବିବରଣୀ ପ୍ରଦାନ କରିଥିବା ବେଳେ ଗୁରୁଚରଣ ବେଶ୍ରା, ଭାଗିରଥି ବେହେରା, ସୁରେଶ ମହାନ୍ତଙ୍କ ସମେତ ବହୁ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ ।

# ୧୫ରେ କଂଗ୍ରେସର ମୟୂରଭଞ୍ଜ ବନ୍ଦ ଡାକରା

**ବାରିପଦା ଅଫିସ, ୮।୨:** ତୈଳଦର ବୃଦ୍ଧି ପ୍ରତିବାଦରେ ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ଫେବୃଆରୀ ୧୫ତାରିଖରେ ଚକ ବନ୍ଦ ଡାକରା ଦିଆଯାଇଛି । ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ଯୋଗୁ ଗରିବ ଓ ଖଟିଖିଆଙ୍କ ମେରୁଦଣ୍ଡ ଦୋହଲି ଯାଇଛି । ଏହି ଦରବୃଦ୍ଧିକୁ କେନ୍ଦ୍ର ସରକାର ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ତୈଳଦର ବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ଦର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ବିରୋଧ କରି କଂଗ୍ରେସ ଅଖ,ଚକ ଓ ଦୋକାନ ବଜାର ବନ୍ଦ ଡାକରା ଦେଇଛି । ଏହି ବନ୍ଦକୁ ସଫଳ କରିବା ପାଇଁ ଦଳ ପକ୍ଷରୁ ଜିଲାବାସୀଙ୍କ ସହଯୋଗ କାମନା କରାଯାଇଛି ।

# ଆନ୍ଦୋଳନ ପରେ ଅଧିକାରୀଙ୍କ ଆଲୋଚନା

## ଧାନକିଣାରେ ଅନିୟମିତତା, ଚାଷୀ ଶୋଷଣ ପ୍ରସଙ୍ଗ


ଜିଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଭାଜପା ପ୍ରତିନିଧି ଦଳ।

**ଭଦ୍ରକ ଅଫିସ,୮।୨**

ଭଦ୍ରକ ଜିଲାରେ ବିଭିନ୍ନ ମଣ୍ଡିରେ ଧାନକିଣାରେ ଅନିୟମିତତା ଓ ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଥିଲା ଭାଜପା। ଏ ନେଇ ଗତ ୪ ତାରିଖରେ ଭଣ୍ଡାରିପୋଖରୀ ଭାଜପା ନେତା ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ। ଏହି ପ୍ରତୀକାତ୍ମକ ଧାରଣା ପରେ ସୋମବାର ଭାଜପାର ପ୍ରତିନିଧି ଦଳ ସହ ଜିଲା ଯୋଗାଣ ବିଭାଗ ଓ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରିଛନ୍ତି।

ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠଙ୍କ ଦ୍ୱାରା ଆହୁତ ଏକ ସମନ୍ୱୟ ବୈଠକରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ କେଦାର ନାୟକ, ଶରତ ବେହେରା, ସମବାୟ ବିଭାଗର ଅତିରିକ୍ତ ନିବନ୍ଧକ ସନ୍ତୋଷ ଦାସ, ସମବାୟ ନିରୀକ୍ଷକଙ୍କ ସହ ଭାଜପା ନେତା ଧଳ ଓ ଚାଷୀ ପ୍ରତିନିଧିମାନେ ଉପସ୍ଥିତ ରହି ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀମାନଙ୍କ ଅଭିଯୋଗକୁ ଆଧାର କରି ଓ ସଂଗୃହୀତ ସୂଚନା ଅନୁଯାୟୀ ପଞ୍ଜିକରଣଗତ ତ୍ରୁଟି ଓ ଦଳୀୟ ଆଧାରରେ ପାତରଅନ୍ତର ନୀତି ଯୋଗୁ ସମଗ୍ର ଜିଲା ବିଶେଷ କରି ଭଣ୍ଡାରିପୋଖରୀ ବ୍ଲକରେ ଅଧିକ ଚାଷୀ ବାଦ୍ ପଡ଼ିଛନ୍ତି। ଏ ନେଇ ଆଲୋଚନା କରି ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। ପଞ୍ଜୀକରଣ ତ୍ରୁଟି ଯୋଗୁ ବାଦ୍ ପଡ଼ିଥିବା ପ୍ରକୃତ ଚାଷୀଙ୍କୁ ଧାନ କିଣା ପ୍ରକ୍ରିୟାରେ ପୁନଃ ସାମିଲ ନେଇ ଜିଲାପାଳଙ୍କ ଅନୁମୋଦନ କ୍ରମେ ଯୋଗାଣ ବିଭାଗର ସଚିବଙ୍କୁ ନିରୀକ୍ଷଣ ପାଇଁ ପଠାଯାଇଥିଲା। ସେହିପରି ଚାଷୀମାନଙ୍କଠାରୁ ସମ୍ପୂର୍ଣ୍ଣ ଧାନ କିଭଳି କିଣାଯିବ ସେନେଇ ପଦକ୍ଷେପ ନିଆଯିବ ବୋଲି ସ୍ଥିର ହୋଇଛି। ଚାଷୀ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ନିର୍ମଳ ଚନ୍ଦ୍ର କର, ପୂର୍ଣ୍ଣଚନ୍ଦ୍ର ଖିଲାର, ପ୍ରକାଶ ମହାପାତ୍ର, ନବକିଶୋର ବଳ, ଖଗେଶ୍ୱର ବେହେରା, ଅକ୍ଷୟ ନାୟକ, ରବିନାରାୟଣ ସାହୁ, ବନମାଳି ଜେନା, ଜୟକୃଷ୍ଣ ନାୟକ, ଅଜୟ ରାଉତ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଧାରଣା ଦେଲେ ଗାଁସାଥୀ

**ବନ୍ତ,୮।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ କାର୍ଯ୍ୟାଳୟ ଆଗରେ ସୋମବାର ଗାଁସାଥୀ(ମେଟ୍) ସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଗାଁସାଥୀଙ୍କୁ ଅଣଦେଖା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ ବ୍ଲକ ପ୍ରଶାସନ କାର୍ଯ୍ୟକାରୀ କରୁ ନ ଥିବା ଆଦି ନେଇ ସେମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ଅକ୍ଷୟ ଜେନା, ମନୋଜ ପାଢ଼ୀ, ପ୍ରମୋଦ ସାମଲ, ରବୀନ୍ଦ୍ର ମାଝୀ, ତ୍ରିଲୋଚନ ନାୟକ, ବିଭୂତି ଭୂଷଣ ଜେନା, ଉମାକାନ୍ତ ଜେନା, ଅଜୟ କୁମାର ରାଉତ, ମାଳତୀଲତା ସେଠୀ, ପ୍ରମିଳା ସେଠୀଙ୍କ ସମେତ ବହୁ ଗାଁସାଥୀ ଧାରଣାରେ ସାମିଲ ଥିଲେ। ପରେ ଏକ ଦାବିପତ୍ର ବିଡିଓ ରେବେକା ବିଲୁଙ୍ଗଙ୍କୁ ପ୍ରଦାନ କରାଯାଇଥିଲା।

# ୧୦ରୁ ଫାଇଲେରିଆ ନିରାକରଣ ଅଭିଯାନ


ଖବରଦାତା ସମ୍ମିଳନୀରେ ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।

**ବାଲେଶ୍ୱର ଅଫିସ, ୮।୨**

ଆସନ୍ତା ଫେବୃୟାରୀ ୧୦ରୁ ୧୯ତାରିଖ ପର୍ଯ୍ୟନ୍ତ ଜିଲାବ୍ୟାପୀ ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ସାମୂହିକ ବାତଜ୍ୱର/ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜିଲାର ୪ଟି ପୌରାଞ୍ଚଳ ସହିତ ୧୨ଟି ବ୍ଲକର ୨୧ଲକ୍ଷ ଲୋକଙ୍କୁ ଡିଇସି ଏବଂ ଆଲବେଣ୍ଡାଜୋଲ୍ ବଟିକା ସେବନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ କେନ୍ଦ୍ରରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବଙ୍କ ସୂଚନା ଦେଇଛନ୍ତି।

ଜିଲାରେ ୫୧୮୦ଜଣ ଆଶା, ଅଙ୍ଗନୱାଡ଼ି ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ଏହି ଔଷଧ ସେବନ କରାଇବେ। ଏହି କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ ପାଇଁ ୫୧୮ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ଜିଲାସ୍ତରୀୟ ୧୩ଜଣ ଅଧିକାରୀ ପ୍ରତ୍ୟେକ ବ୍ଲକକୁ ଯାଇ ଏହି କାର୍ଯ୍ୟକ୍ରମର ତଦାରଖ କରିବେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ରମଣୀକାନ୍ତ ଭଞ୍ଜ ଏବଂ ଜିଲା ବାହକ ବାହିତ ରୋଗ ପରାମର୍ଶଦାତା ଆଲୋକ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

**କେନ୍ଦୁଝର, ୮।୨(ଡି.ଏନ୍.ଏ.):** କେନ୍ଦୁଝର ଜିଲାର ବିଶ୍ୱ ମାନବ ଅଧିକାର କାର୍ଯ୍ୟାଳୟ ଉଦ୍‌ଘାଟିତ ହେବାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ପ୍ରସ୍ତୁତି ଆଲୋଚ୍ୟ ବିଷୟ ସାଧାରଣ ସମ୍ପାଦକ କଳ୍ପତରୁ ସାହୁ ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟମାନଙ୍କୁ ମାନବାଧିକାର ସମ୍ବନ୍ଧେ ବିସ୍ତୃତ ଭାବରେ ବିବରଣୀ ଉପସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ମାନବିକ ଅଧିକାର ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମଗ୍ର ଜିଲାରେ ଜନ ସଚେତନତା ସୃଷ୍ଟି କରି ଏହା କିପରି ସଫଳ ରୂପାୟନ ହୋଇ ପାରିବ ଗୁରୁତ୍ୱାରୋପ କରି ଏଥି ନିମିତ୍ତ ସମସ୍ତ ସଦସ୍ୟାସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ସଞ୍ଜୟ କୁମାର ପଣ୍ଡା, ଉମାକାନ୍ତ ଦାସ, ସୁରେଶ ପଟ୍ଟନାୟକ, ମମତାରାଣୀ ବେହେରା, ରାଜଲକ୍ଷ୍ମୀ ଭଞ୍ଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପୋଖରୀରେ ବୁଡ଼ି ଶିଶୁ ମୃତ

**ରାଇବଣିଆ, ୮।୨**

ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ପଥରପୁରା ମାଲଗୋଦାମ ସାହିରେ ସୋମବାର ପୂର୍ବାହ୍ନରେ ସେକ୍ ଇସାତଙ୍କ ୩ ବର୍ଷର ଶିଶୁ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମା' ପୂର୍ବାହ୍ନରେ ଘରକାମରେ ବ୍ୟସ୍ତ ଥିବା ବେଳେ ପିଲାଟି ପାଖରେ ଖେଳୁଥିଲା। ଅସାବଧାନତାବଶତଃ ସେ ନିକଟସ୍ଥ ପୋଖରୀରେ ପଡ଼ିଯାଇଥିଲେ। ଖୋଜାଖୋଜି କରିବାର କିଛି ସମୟ ପରେ ଉକ୍ତ ପୋଖରୀରେ ଶିଶୁଟି ଭାସୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ପାଣିରୁ ବାହାର କରି ଜଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ସାନ୍ତାଳୀ ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନସେଲିଂ

**କେନ୍ଦୁଝର, ୮।୨(ଡି.ଏନ୍.ଏ.)**

ସାନ୍ତାଳୀ ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନସେଲିଂ ଓ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସଦର ବ୍ଲକର ରାଇସୁଆଁଠାରେ ଅନୁଷ୍ଠିତ ହୋଇଯାଇଛି । ଧରଣୀଧର ମହାବିଦ୍ୟାଳୟର ଛାତ୍ର ସୁରେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମାନସିଂ ସୋରେନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ସୀତାମଣି ମାର୍ଣ୍ଡି, ୱିପ୍ରୋ କମ୍ପାନୀର ଦିଲ୍ଲୀଠାରେ ଅବସ୍ଥାପିତ ଇଞ୍ଜିନିୟର କହ୍ନେଇ ମୁର୍ମୁ, ଛତିଶଗଡରେ କାଯ ଡ୍ରିଲିଂ ଇଞ୍ଜିନିୟର ନିରଞ୍ଜନ ମାର୍ଣ୍ଡି, ଆକୁଳ ଷ୍ଟେଟ ବ୍ୟାଙ୍କର ପରିଚାଳକ ତଥା ସାନ୍ତାଳୀ ଭାଷାର କଳାକାର ମକର ମାଝୀ, ସାନ୍ତାଳୀ ଲେଖକ ରଘୁନାଥ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କ୍ୟାରିୟର ଗଠନ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। କେନ୍ଦୁଝରର ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାର ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବା ସହ ଯୁବ ବିଜେଡି ରାଜ୍ୟ ଉପସଭାପତି ସୌମ୍ୟଶଙ୍କର ଚକ୍ର, ଆକାଶବାଣୀ କେନ୍ଦୁଝର କେନ୍ଦ୍ରର ବନସୁରଭି କାର୍ଯ୍ୟକ୍ରମ ଉପସ୍ଥାପକ ମଦୁସୂଦନ ମୁର୍ମୁ ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେଇଥିଲେ।

# ଗଛକଟା ମାମଲା: ଜଣେ ଗିରଫ

**ଯୋଡ଼ା, ୮।୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ପିଢପୋଖରୀ ସଂରକ୍ଷିତ ଜଙ୍ଗଲରେ ବନବିଭାଗର ଅନୁମତି ନ ଥାଇ ବେଆଇନ ଭାବେ ଗଛ କାଟି ରାସ୍ତା ନିର୍ମାଣ କରୁଥିବା ଅଭିଯୋଗରେ ବନ ବିଭାଗ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବାଂଶପାଳ ବ୍ଲକ ଅନ୍ତର୍ଗତ ଉପର କାଦକଳା ଅଞ୍ଚଳର ଲାଲମୋହନ ଘଣା । ଗତ ୨୮ ତାରିଖରେ ପିଢପୋଖରୀ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗର ଅନୁମତି ନ ନେଇ ମେଶିନ ଯୋଗେ ଗଛ କାଟି ରାସ୍ତା ନିର୍ମାଣ କରାଯାଉଥିଲା । ବନବିଭାଗ ପକ୍ଷରୁ ତଦାରଖ କରାଯାଇ ଏଥିରେ ସଂପୃକ୍ତ ୩ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଏଥିରେ ବ୍ୟବହୃତ ପୋକଲିନ୍ ମେଶିନକୁ ଜବତ କରିଥିଲା ।

# ୟୁ ଆଣ୍ଡ ମି ବାଲେଶ୍ୱର ଚାମ୍ପିୟନ

**ହାଟଡିହୀ,୮।୨(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମଠ କପୁଣ୍ଡି ମିନି ଷ୍ଟାଡିୟମ ଠାରେ ସର୍ବ ଭାରତୀୟ ମା ବାସୁଲି କପ କ୍ରିକେଟ ଟୁର୍ନାମେଣ୍ଟର ଦିତୀୟ କ୍ୱାଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ୟୁ ଆଣ୍ଡ ମି ବାଲେଶ୍ୱର ଓ ପଞ୍ଚଶଖା ଏକାଡେମି ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୟୁ ଆଣ୍ଡ ମି ବାଲେଶ୍ୱର ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୨୦ ଓଭର ମ୍ୟାଚ ବିଶିଷ୍ଟ ଖେଳରେ ୯ ଉଇକେଟ ବିନିମୟରେ ୧୭୯ ରନ ସଂଗ୍ରହ କରିଥିଲା । ଜବାବରେ ପଞ୍ଚଶଖା ଏକାଡେମି ପୁରୀ ୨୦ ଓଭର ଖେଳି ୬ ଉଇକେଟ ବିନିମୟରେ ୧୭୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ତେବେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ରାଜେଶ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଅତିଥି ଭାବେ ଆନନ୍ଦପୁର ମଡେଲ ସ୍କୁଲ ପ୍ରଧାନ ଶିକ୍ଷକ ଦାମୋଦର ଧଡ଼ା, ସଭାପତି ଚିନ୍ମୟ ନାୟକ, ସମ୍ପାଦକ ଚିତ୍ତ ରଞ୍ଜନ ପାତ୍ର, ଉପଦେଷ୍ଟା ମନୋଜ ପାତ୍ର, କୋଷାଧକ୍ଷ ଅମୀୟ ରଞ୍ଜନ ନାୟକ ଯୋଗ ଦେଇଥିଲେ ।

# ଭାଜପାର ଏସ୍‌ପି ଅଫିସ ଘେରାଉ

**କେନ୍ଦୁଝର, ୮।୨(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ତେନ୍ତୁଳିନଣ୍ଡା ଗ୍ରାମର ଦୁଇ ନାବାଳିକା ଅପହରଣ ମାମଲାରେ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସୋମବାର ଏସ୍‌ପି ଅଫିସ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ମହିଳା ନେତ୍ରୀ ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ଏସ୍‌ପି ଅଫିସ ଆଗରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେବା ସହ ତୁରନ୍ତ ପଦକ୍ଷେପ ନେବା ସହ ସେମାନଙ୍କୁ ଉଦ୍ଧାର କରିବାକୁ ଦାବି କରିଥିଲେ। ଦୁଇ ନାବାଳିକା ଙ୍କ ପରିବାର ସହ ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂ, ସଦର ବିଧାୟକ ମୋହନ ଚରଣ ମାଝୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, କାର୍ଯ୍ୟାଳୟ ସହ ସମ୍ପାଦକ ଜୟଦେବ ଗିରି ପ୍ରମୁଖ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ସମ୍ପାଦକ ଶିବ କୁମାର ରାଠୋର, ଉପସଭାପତି ଗୋପୀନାଥ ରାମ ପ୍ରମୁଖ ସାମିଲ ଥିଲେ ।



ଆନ୍ଦୋଳନରେ ସାମିଲ ଭାଜପା ମହିଳା ମୋର୍ଚ୍ଚା କର୍ମକର୍ତ୍ତା।

# ଜଳ ପାଇଁ ବିକଳ ଜଳହରିବାସୀ

**ଯୋଡ଼ା, ୮।୨(ଡି.ଏନ୍.ଏ.)**


ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଜଳହରି ଗାଁ ଲୋକେ ଗରା, ବାଲଟି ରଖି ଛିଡା ହୋଇଛନ୍ତି।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଜଳହରି ପଞ୍ଚାୟତର ୫ ନମ୍ବର ୱାର୍ଡ ନ୍ୟୁ କଲୋନୀରେ ପାନୀୟ ଜଳ ସମସ୍ୟା ନେଇ ସୋମବାର ମହିଳା ଓ ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ ହେଁ, ସେଠାରେ ଅଭିଯୋଗ ଶୁଣିବାକୁ କେହି ନଥିବାରୁ ଘରକୁ ଫେରିଯାଇଥିଲେ। ଉକ୍ତ ୱାର୍ଡରେ ୧୫୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଉକ୍ତ ଅଞ୍ଚଳକୁ ପଞ୍ଚାୟତର ପାନୀୟ ଜଳ ପ୍ରକଳ୍ପ ପକ୍ଷରୁ ପାଇପ୍‌ଲାଇନ୍ ଜରିଆରେ ପାନୀୟ ଜଳ ଯୋଗାଣ ହେଉଥିଲା । ମାତ୍ର ଦୀର୍ଘ ୮ ଦିନ ହେଲା ଉକ୍ତ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ବନ୍ଦ କରିଦିଆଯାଇଛି । ଯାହା ଫଳରେ ଅଞ୍ଚଳବାସୀ ଦୂଷିତ ଜଳ ପିଉଛନ୍ତି।

ଏ ସମ୍ପର୍କରେ ଉକ୍ତ ଗ୍ରାମର ମହିଳା ମୁକ୍ତା ଲୋହାର, ବିନନ୍ଦିନୀ ପାତ୍ର, ସ୍ମୃତିରେଖା ମୁଖୀ, ରଶ୍ମିତା ପାତ୍ର ପ୍ରମୁଖ ତାଙ୍କ ଅଭିଯୋଗରେ କହିଛନ୍ତି, ଯେଉଁ ପାଇପ୍‌ଲାଇନ୍ ସଂଯୋଗ କରାଯାଇଛି ସେଥିରେ ନିୟମିତ ଭାବେ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ଯଦିଓ ଜଳ ଯୋଗାଣ ହେଉଛି ତାହା ଖୁବ୍ କମ୍ ସମୟ ପର୍ଯ୍ୟନ୍ତ ଏବଂ ଧୀରେ ଧୀରେ ଆସୁଛି। ପାଣି ଆସୁ ନ ଥିବାରୁ ସେମାନେ ଦେଢ କି.ମି ଦୂର ଦଲକି ନାଳକୁ ଯାଇ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ପୂର୍ବରୁ ଏସେଲ୍ ଖଣି କମ୍ପାନୀ ପକ୍ଷରୁ ଉକ୍ତ ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ହେଉଥିଲା, ମାତ୍ର ଖଣି କମ୍ପାନୀ ଛାଡି ଚାଲିଗଲା ପରେ ତାହା ମଧ୍ୟ ବନ୍ଦ ହୋଇଯାଇଛି। ୫ ନମ୍ବର ୱାର୍ଡକୁ ଲାଗି ଅନ୍ୟ ୱାର୍ଡର କେତେକ ବ୍ୟକ୍ତିବିଶେଷ ପାଇପ୍‌ଲାଇନ୍‌ରେ ପାନୀୟ ଜଳ ଯୋଗାଣ ବେଳେ ମଟର ପମ୍ପ ଲଗାଇ ଦେଉଥିବାରୁ ଜଳ ସଙ୍କଟ ଦେଖା ଦେଇଛି। ଏ ସମ୍ପର୍କରେ ଭିଏଲ୍‌ଡବ୍ଲ୍ୟୁ ଗଙ୍ଗାଧର ପାତ୍ରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ସେ ଛୁଟିରେ ଅଛନ୍ତି। ମଙ୍ଗଳବାର କାର୍ଯ୍ୟାଳୟକୁ ଗଲେ ଲୋକଙ୍କର ପାନୀୟ ଜଳ ସମସ୍ୟାର ସମାଧାନ କରାଯିବା ସହ ପମ୍ପ ଲଗାଉଥିବା ଲୋକଙ୍କ ଉପରେ ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଫେସବୁକ୍‌ରୁ ପ୍ରେମ ପରେ ପ୍ରତାରଣା

ଲଙ୍ଗଳେଶ୍ୱର, (ଡି.ଏନ.ଏ.)-ଫେସବୁକ୍‌ରୁ ଆରମ୍ଭ ହେଲା ପ୍ରେମ। ଉଭୟଙ୍କ ମଧ୍ୟରେ ଦୀର୍ଘଦୁଇବର୍ଷ ଧରି ଗଢ଼ି ଉଠିଥିଲା ନିବିଡ଼ ସମ୍ପର୍କ। ପରେ ପ୍ରେମିକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ବିଭିନ୍ନ ସମୟରେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଏବେ ପ୍ରେମିକା ବିବାହ ପାଇଁ ଜିଦ୍ ଧରିବାରୁ ଏହାକୁ ଏଡ଼ାଇବା ପାଇଁ ପ୍ରେମିକ ବିଭିନ୍ନ ବାହାନା କରି ଦୂରେଇ ଯିବାକୁ ଚେଷ୍ଟା କରୁଥିଲେ। ମାତ୍ର ପ୍ରେମିକାଜଣକ ନିଜ ଜିଦ୍‌ରେ ଅଡି ବସି ପ୍ରେମିକଙ୍କ ଘର ସାମ୍ନାରେ ଧାରଣାରେ ବସି ରହିଥିଲେ। ମାତ୍ର ଏଥିରେ ସଫଳ ନ ହେବାରୁ ପ୍ରେମିକା ବାଧ ହୋଇ ସୋମବାର ବାଲିଆପାଳ ଥାନା ଦ୍ୱାରସ୍ଥ ହୋଇଛନ୍ତି।

## ସଂକ୍ଷେପରେ

### ଘରୋଇ କଳିରୁ ବୃଦ୍ଧଙ୍କ ଜୀବନ ଗଲା

**ବାଲିଆପାଳ, ୮।୨(ସ୍ୱ.ପ୍ର):** ଘରୋଇ କଳିରୁ ବୃଦ୍ଧ ପିତାଙ୍କ ଜୀବନ ଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତର ଗଡ଼ ଜାମକୁଣ୍ଡାର ପଶ୍ଚିମସାହିରେ ରବିବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଅନନ୍ତ ଜେନା(୭୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୧) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଅନନ୍ତଙ୍କ ବଡ଼ପୁଅ ଜଗନ୍ନାଥ (୪୨) ସବୁଦିନ ପରି ରବିବାର ରାତିରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ପାଟିତୁଣ୍ଡ କରିଥିଲେ। ତାଙ୍କୁ ବୁଝାଇବାକୁ ଯାଇଥିବା ଅନନ୍ତ ଠେଲାପେଲା ଭିତରେ ତଳେ ପଡ଼ି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୋମବାର ଏନେଇ ମୃତକଙ୍କ ସ୍ତ୍ରୀ ଶାନ୍ତିଲତା ଜାମକୁଣ୍ଡା ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ ଜାରି ରଖିଛି।

### ଖଣିରେ ପଥର ଧସି ଜଣେ ମୃତ

**କେନ୍ଦୁଝର, ୮।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ନୟାକୋଟ ଥାନା ବାଂଶପାଳ ଗାଁ ପାଖରେ ଥିବା ଏକ ଖଣିରେ ପଥର ଧସି ରବିବାର ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର କୃଷ୍ଣ ବେହେରା। ସେ ବହୁ ସମୟ ଧରି ଚାପି ହୋଇଥିଲେ ମଧ୍ୟ କେହି ଜାଣିପାରି ନଥିଲେ। ଗ୍ରାମବାସୀ ପୋଲିସକୁ ଖବର ଦେବା ପରେ ବାଂଶପାଳ ଫାଣ୍ଡି ପୋଲିସ ପହଞ୍ଚି ଜେସିବି ସାହାଯ୍ୟରେ ମୃତଦେହ ଉଦ୍ଧାର କରିଥିଲା। ଏହାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ଉତ୍ତେଜନା ଦେଖାଦେଇଛି। ପୋଲିସ ଘଟଣା ର ଅନୁସନ୍ଧାନ ଚଳାଇଛି।

### ଆକ୍ରମଣକାରୀ ଅଟକ

**କୁଆମରା,୮।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚାୟତ ଅନ୍ତର୍ଗତ କଣ୍ଟିସାହି ଗାଁର ଚିନ୍ତାମଣି ନାୟକଙ୍କ ପୁଅ ଇନ୍ଦ୍ରଜିତଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଛି। ପୋଲିସ ସୂଚନା ଅନୁଯାୟୀ, ୩ ଯୁବକ ରବିବାର ସାଇଁକୁଳାଠାରେ ଇନ୍ଦ୍ରଜିତଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଗୁରୁତର ଇନ୍ଦ୍ରଜିତ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଇନ୍ଦ୍ରଜିତଙ୍କ ମା' ସାରଳାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୪୩/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ଆକ୍ରମଣ କରି ୫୦ହଜାର ଲୁଟ୍

**ସୋର, ୮।୨(ଡି.ଏନ.ଏ.):** ରବିବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲା ସୋର ଥାନା ଅଧୀନ ବଡ଼ଗାଁ ଗ୍ରାମର ଗିରିଧାରୀ ମଲ୍ଲିକଙ୍କ ଘରେ ପଶି ଦୁର୍ବୃତ୍ତମାନେ ତାଙ୍କ ପୁଅ ସୁଜିତଙ୍କୁ ଭୁଜାଲି ଆକ୍ରମଣ କରି ୫୦ହଜାର ଲୁଟି ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଛି।

# ପ୍ରଶାସନିକ ତ୍ରୁଟିରୁ ଧାନକିଣାରେ ଅନିୟମିତତା

**ବାଲେଶ୍ୱର ଅଫିସ, ୮।୨**



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

ବାଲେଶ୍ୱର ଜିଲା ପ୍ରଶାସନର ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ମଣ୍ଡିଗୁଡ଼ିକରେ ଧାନକିଣାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏନେଇ ଜିଲା ଭାଜପା ପକ୍ଷରୁ ଜିଲା ସଭାପତି ଉମାକାନ୍ତ ମହାପାତ୍ର ସୋମବାର ଏକ ଖବରଦାତା ସମ୍ମିଳନୀ କରି ଅଭିଯୋଗ ଆଣିଛନ୍ତି।

କୃଷି ଯେଉଁଦିନ ସ୍ୱୟଂ ସମ୍ପୂର୍ଣ୍ଣ ଭାବେ ଏକ ଶିଳ୍ପର ମାନ୍ୟତା ନ ପାଇଛି ସେ ପର୍ଯ୍ୟନ୍ତ କୃଷି ବା କୃଷକ ବିକଶିତ ହୋଇପାରିବେ ନାହିଁ। ରାଜ୍ୟ ସରକାର ଚାଷ ଓ ଚାଷୀକୁ ଉପେକ୍ଷିତ କରିଆସୁଛନ୍ତି। ଚଳିତ ଖରିଫ୍ ଚାଷରେ କ୍ରୟ ହେଉଥିବା ଧାନ ଠିକ୍ ଭାବେ ଚାଷୀ ଉପକୃତ ହେଉଛନ୍ତି କି ନାହିଁ ଭାଜପାର ଏକ ଟିମ୍ ୩ମାସ ଧରି 'ମଣ୍ଡି ଚାଲ ଅଭିଯାନ' ଜାରି ରଖିଥିଲେ। ଚାଷୀଙ୍କୁ ସଚେତନତା କରାଇବା ସହ ମଣ୍ଡି ପାଇଁ ଅନୁମତିପ୍ରାପ୍ତ ମିଲ୍ ସବିଶେଷ ତଥ୍ୟ ଗ୍ରହଣ କରିବା ପରେ ଚାଷୀ ପାଇଁ ଅସାଧୁ ମିଲର ଓ ଅଧିକାରୀ ବାଧକ ସାଜିଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଟୋକନ୍ ବ୍ୟବସ୍ଥା ଅନ୍ୟତମ ସମସ୍ୟା ରୂପେ ମୁଣ୍ଡ ଟେକିଛି। ମଣ୍ଡିକୁ ଧାନ ଆଣିବାର ବ୍ୟବସ୍ଥା ନ ଥିବା ବେଳେ ଚାଷୀ ମଣ୍ଡିକୁ ଧାନ ଆଣି ହନ୍ତସନ୍ତ ହେଉଛି। ରାଜ୍ୟର ହଜାର ହଜାର ଚାଷୀଙ୍କ ଜମିପଟ୍ଟାକୁ ଅସାଧୁ ଉପାୟରେ ପଞ୍ଜିକୃତ କରି ଦଲାଲ ମାଲେମାଲ ହେଉଛନ୍ତି। ଧାନର ମାନ ନିର୍ଦ୍ଧାରଣ ପାଇଁ କୌଣସି ବୈଜ୍ଞାନିକ କିମ୍ବା ଯୁକ୍ତିସଙ୍ଗତ ପଦ୍ଧତି ଅବଲମ୍ବନ ନ କରି ମଣ୍ଡିରେ ୮ରୁ ୧୦କେଜି ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀ ବ୍ୟବସ୍ଥା ଅତି ନିନ୍ଦନୀୟ। ମଣ୍ଡିଗୁଡ଼ିକରେ ସୁଧାର ଆଣିବା ପାଇଁ ଧାନ କିଣା ମୂଲ୍ୟର ୨% ଅର୍ଥ କେନ୍ଦ୍ରସରକାର

**ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଲା ଭାଜପା**

ବ୍ୟୟ କରୁଥିଲେ ମଧ୍ୟ ଚାଷୀ କୌଣସି ସୁବିଧା ନ ଦେଇ ବାଟମାରଣା ହୋଇଯାଉଛି। କାଳିଆ ଯୋଜନା କେବଳ ଏକ ନିର୍ବାଚନୀ ଧୂଆଁବାଣ ଭଳି ଅଭିଯୋଗ ଆଣିଛି ଭାଜପା। ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଗୋବିନ୍ଦ ଚନ୍ଦ୍ର ଦାସ, ଯୁବନେତା ମାନସ କୁମାର ଦତ୍ତ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ସଦସ୍ୟ ଶୁଭଙ୍କର ମହାପାତ୍ର, ଭୋଗରାଇ ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମେଡିକାଲ ରାସ୍ତା ପାର୍ଶ୍ୱରୁ ଜବରଦଖଲ ନ ହଟିଲେ ଆନ୍ଦୋଳନ

**ବାରିପଦା ଅଫିସ,୮।୨**

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ତଥା ଜିଲା ମୁଖ୍ୟ ଡାକ୍ତରଖାନାକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାର ଉଭୟ ପାର୍ଶ୍ୱରୁ ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ଆମ୍ବୁଲାନ୍ସ ଚାଳକଙ୍କ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି । ଉଭୟ ଘରୋଇ ଓ ସରକାରୀ ଆମ୍ବୁଲାନ୍ସ ଚାଳକଙ୍କ ପକ୍ଷରୁ ପ୍ରଦତ୍ତ ଅଭିଯୋଗ ଅନୁଯାୟୀ, ଟିବି ହସ୍ପିଟାଲଠାରୁ ଗଣେଶ ଲଜ୍ ଓ ସାତମହଲା ହସ୍ପିଟାଲ୍ କୋଠା ନିକଟରୁ ଏମ୍‌କେସି ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଉଠା ଦୋକାନୀମାନେ ପସରା ଖୋଲୁଛନ୍ତି। ଗ୍ରାହକମାନେ ସେଠାରେ ଯାନବାହନ ଧରି କିଣାକିଣି କରୁଥିବାରୁ ବହୁ ସମୟରେ ରାସ୍ତା ଜାମ୍ ରହୁଛି । ରୋଗୀଙ୍କୁ ନେବା ଆଣିବା କରୁଥିବା ଯାନବାହାନ ସହିତ ଆମ୍ବୁଲାନ୍ସ ଗୁଡ଼ିକ ଯାତାୟତ କରିବାରରେ ଅନେକ ସମୟରେ ଭିଡ଼ ମଧ୍ୟରେ ଅଟକି ରହୁଛନ୍ତି। ପୌର ପରିଷଦ ପକ୍ଷରୁ ଉକ୍ତ ରାସ୍ତାକୁ ନୋ-ପାର୍କିଂ ଜୋନ୍ ଭାବେ ଘୋଷଣା କରାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ଜରୁରୀକାଳୀନ ରୋଗୀମାନଙ୍କ ଜୀବନ ରକ୍ଷା ପାଇଁ ବହୁ ମୂଲ୍ୟ ଦେବାକୁ ପଡୁଛି। ନିୟମକୁ କଡ଼ାକଡ଼ି କାର୍ଯ୍ୟକାରୀ କରାଯାଉ ନ ଥିବାରୁ ସ୍ଥିତି ପୂର୍ବ ଭଳି ରହୁଛି। ଦୁଇ ସପ୍ତାହ ମଧ୍ୟରେ ଉଠା ଦୋକାନୀଙ୍କୁ ଉଚ୍ଛେଦ ସାଙ୍ଗକୁ ଗାଡ଼ି ପାର୍କିଂ ବନ୍ଦ କରି ଉଭୟ ରାସ୍ତାକୁ ନୋ-ପାର୍କିଂ ଜୋନ୍ କରିବାକୁ ଦାବି କରାଯାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଆମ୍ବୁଲାନ୍ସ ଚାଳକ ସଂଘ ଗାଡ଼ି ଚାଳନାରୁ ବିରତ ରହି ଆନ୍ଦୋଳନ କରିବେ ବୋଲି ବିକାଶ କୁମାର ପାତ୍ର, ସଞ୍ଜୟ ଦାସ, ଏସ୍.କେ ମୁସ୍ତାଫା, ଜୟକୃଷ୍ଣ ମହାନ୍ତ ଓ ମନୋରଞ୍ଜନ ମାଝିଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଆମ୍ବୁଲାନ୍ସ ଚାଳକ ଅଭିଯୋଗରେ ଦର୍ଶାଇଛନ୍ତି ।

# ଗହଣା ଲୁଟ୍ ଘଟଣାର ପର୍ଦ୍ଦାଫାଶ, ୬ ଗିରଫ



ଖଇରା ପୋଲିସ ଦ୍ୱାରା ଧରାପଡିଥିବା ୬ ଅଭିଯୁକ୍ତ।

**ଖଇରା, ୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ୩ତାରିଖ ରାତିରେ ଘଟିଯାଇଥିବା ଗହଣା ଲୁଟ୍ ଘଟଣାର ପର୍ଦ୍ଦାଫାସ୍ ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ସୂତ୍ରଧର ବଟେଶ୍ୱର ଗ୍ରାମର ଦେବାଶିଷ ଦାସ ଏବଂ ତାଙ୍କ ସହଯୋଗୀ ଦୀପକ କୁମାର ଜେନା ଓ କମଳାକାନ୍ତ ଜେନା, ଗୋପାଳବେଡା ଗ୍ରାମର କିଶୋର କୁମାର ରାଉତ, ତୁଟୋ ଗ୍ରାମର ସଞ୍ଜୟ ଜେନା, ଚକ ମହାସମପୁର ଗ୍ରାମର ଅନ୍ତର୍ଯ୍ୟାମୀ ନାୟକଙ୍କ ନାମରେ ୨ଟି ମାମଲା(ନଂ. ୩୨/୨୧, ୩୩/୨୧) ରୁଜୁ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଛି । କ୍ରିକେଟ ମ୍ୟାଚ ଖେଳିବା ଆଳରେ ସେମାନେ ଡକାୟତି ଓ ଛିନତାଇ ଯୋଜନା କରୁଥିବା ନେଇ ପୋଲିସ କହିଛି ।

**ମ୍ୟାଚ ଖେଳିବା ଆଳରେ ହେଉଥିଲା ଯୋଜନା**

ଖଇରା ଥାନା ଆଇଆଇସି ସୁବ୍ରତ କୁମାର ବେହେରାଙ୍କ ସୂଚନା ଅନୁଯାୟୀ ୩ ତାରିଖ ରାତିରେ ଏହି ୬ଜଣ ବ୍ୟକ୍ତି ପ୍ରଥମେ ଚକ ଗ୍ରାମର ଗୋପାଳ ରାଉତଙ୍କ ସ୍ତ୍ରୀଙ୍କ ନିକଟରୁ କାନ ଫୁଲ ଟାଣିନେଇ ପଳାଇଥିଲେ। ଗଣ୍ଡିବେଡରୁ ନିଜ ଗହଣା ଦୋକାନ ବନ୍ଦ କରି ଫେରୁଥିବା ପ୍ରମୋଦ ବିଶ୍ୱାଳ ଓ ତାଙ୍କ ସ୍ତ୍ରୀଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ଓ ଗହଣା ଲୁଟି ନେଇଥିଲେ । ଦୀପକ ଓ ସଞ୍ଜୟଙ୍କୁ ସାରୁଗାଁ ଗ୍ରାମବାସୀ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ । ଏହି ୨ଜଣଙ୍କୁ ପଚରାଉଚୁରା ପରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶ ଓ ସହଯୋଗକ୍ରମେ ୨ଟି ସ୍କ୍ୱାଡ୍ ଗଠନ କରାଯାଇ ଅନ୍ୟମାନଙ୍କୁ ପୁରୀରୁ ଧରାଯାଇଥିଲା । ଧରାପଡିଥିବା ମୁଖ୍ୟ ସୂତ୍ରଧର ଦେବାଶିଷ ପୂର୍ବରୁ ଖଇରା ଥାନା ସମେତ ସଦର ଓ ଔପଦା ଥାନାରେ ୧୦ରୁ ଊର୍ଦ୍ଧ୍ୱ ମାମଲାରେ ଜଡିତ ଥିବା ପୋଲିସ କହିଛି । ସେମାନଙ୍କ ନିକଟରୁ ପ୍ରମୋଦ ବିଶ୍ୱାଳଙ୍କର ଲକର ଓ ଶର୍ଟର ଚାବି, ମଙ୍ଗଳସୂତ୍ର, ୭ହଜାର ୨ଶହ ଟଙ୍କା, ସୁନା କାନଫୁଲ, ପାର୍ଶା, ଗୁପ୍ତି, ଛୁରି, ୭ଟି ମୋବାଇଲ, ଗୋଟିଏ ବାଇକ, ଗୋଟିଏ ସ୍କୁଟି ଓ ଏକ କାର୍ ଜବତ କରାଯାଇଛି ।

## ସରପଞ୍ଚ ଉପନିର୍ବାଚନ ପାଇଁ ପ୍ରଶାସନିକ ତତ୍ପରତା

**ବାସୁଦେବପୁର, ୮।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର ସରପଞ୍ଚ ଉପନିର୍ବାଚନ ଆଉ ମାତ୍ର ୩ ଦିନ ରହିଥିବାରୁ ଏହାକୁ ଅବାଧ ଓ ମୁକ୍ତ କରିବା ତଥା ଠିକ୍ ଭାବେ ପରିଚାଳନା ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏହି ପଞ୍ଚାୟତର ୧୭ଟି ୱାର୍ଡ଼ ଥିବାବେଳେ ପ୍ରତି ୱାର୍ଡ଼ରେ ଗୋଟିଏ କରି ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି। ପ୍ରତି କେନ୍ଦ୍ର ଲାଗି ଜଣେ ପ୍ରିଜାଇଡ଼ିଂ ଓ ଦୁଇଜଣ ପୋଲିଂ ଅଧିକାରୀଙ୍କୁ ନିୟୋଜିତ ନିମନ୍ତେ ବ୍ୟବସ୍ଥା କରାଯାଇଛି। ୫୦ରୁ ଊର୍ଦ୍ଧ୍ୱ ପ୍ରିଜାଇଡ଼ିଂ ଓ ପୋଲିଂ ଅଧିକାରୀଙ୍କୁ ଏ ନେଇ ସ୍ୱତନ୍ତ୍ର ତାଲିମ ଦିଆଯାଇଛି। ସେହିପରି ଭୋଟ୍ ପାଇଁ ବ୍ୟବହୃତ ହେବାକୁ ଥିବା ଭୋଟ ବାକ୍ସ, ଲଣ୍ଠନ, କିରୋସିନ, ଜାର୍ ସମେତ ନିର୍ବାଚନ ସାମଗ୍ରୀ ସଜାଡ଼ିବା କାର୍ଯ୍ୟ ମଧ୍ୟ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି। ଭୋଟ୍ ଦିନ ବ୍ୟବହାର ହେବାକୁ ଥିବା ଗାଡ଼ିର ମଧ୍ୟ ବନ୍ଦୋବସ୍ତ କରାଯାଇଛି। ବିଦେଇପୁର ଉପନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ଶେଷ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା, ପଦକ୍ଷେପ ଗ୍ରହଣ କରାଯାଇଥିବା ବିଡିଓ ପ୍ରଣବ କୁମାର ବେହେରା କହିଛନ୍ତି।

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

**ରୂପ୍‌ସା, ୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତ କାର୍ଯ୍ୟାଳୟରୁ ରବିବାର ରାତିରେ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଫାଟକ ସହ କାର୍ଯ୍ୟାଳୟର ୬ଟି ଗୃହରେ ତାଲା ଭାଙ୍ଗି କମ୍ପ୍ୟୁଟର, ଲାପଟପ୍, ଫ୍ୟାନ୍, ଇନ୍‌ଭର୍ଟର, ଆକ୍ୱାଗାର୍ଡ଼, ଟେବୁଲ୍, ଚେୟାର ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବା ସରପଞ୍ଚ ମାୟାଧର ମଣି ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ମଙ୍ଗଳବାର ଏକ ମାମଲା (ନଂ. ୧୩।୨୧) ରୁଜୁ କରିଛି। ଥାନାଧିକାରୀ କମଳାକାନ୍ତ ଦାସ, ଏଏସ୍‌ଆଇ ନରହରି ମହାଳିକ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁରକୁ ନେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରାତ୍ର ଜଗୁଆଳି ଜଣକ ଅସୁସ୍ଥ ଥିବାରୁ ୮ଦିନ ଧରି ଡ୍ୟୁଟି କରୁ ନ ଥିବା ସରପଞ୍ଚ ମାୟାଧର ମଣି କହିଛନ୍ତି।

# ଅଭିଯୋଗ ପରେ ଅନୁଧ୍ୟାନ କଲେ ବିଡିଓ



ବିଦ୍ୟାଳୟରେ ବିଡିଓ ଅନୁଧ୍ୟାନ କରୁଛନ୍ତି।

**ରସାଲପୁର, ୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତରେ ଥିବା ସାନସାଉଁ ପ୍ରାଇମେରୀ ସ୍କୁଲକୁ ପଳାଶପୁର ଯୁଜିୟୁପି ସ୍କୁଲରେ ମିଶ୍ରଣ କରିବା ପାଇଁ ସରକାରଙ୍କ ପକ୍ଷରୁ ଫେବୃୟାରୀ ୮ ତାରିଖ ସୁଦ୍ଧା ରିପୋର୍ଟ ଦେବା ପାଇଁ ନୋଟିସ୍ ଜାରି କରାଯାଇଥିଲା। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ପଣ୍ଡା ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକଙ୍କୁ ଅବଗତ କରିବା ପରେ ଗ୍ରାମବାସୀ ପକ୍ଷରୁ ଜିଲାପାଳ, ବିଧାୟକ, ବିଡିଓ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ସମେତ ଏମ୍‌ପିଙ୍କୁ ଅବଗତ କରିଥିଲେ। ଅଭିଯୋଗ ପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସଦର ବିଡିଓ ନରେନ୍ଦ୍ର ଖମାରୀ, ବ୍ଲକ ଶିକ୍ଷାଧିକାରିଣୀ କବିତା ଜେନା ଓ ଅଙ୍ଗନୱାଡ଼ି ସୁପରଭାଇଜର ସ୍କୁଲରେ ପହଞ୍ଚି ଯାଞ୍ଚ କରିଛନ୍ତି।

**ସାନସାଉଁ ପ୍ରାଇମେରୀ ସ୍କୁଲ ମିଶ୍ରଣ ପ୍ରସଙ୍ଗ**

ଉକ୍ତ ସ୍କୁଲ ୯୦ରୁ ଊର୍ଦ୍ଧ୍ୱ ବର୍ଷ ହୋଇଥିବା ବେଳେ ଗାଁର ବହୁପିଲା ଏଠାରେ ପାଠ ପଢ଼ି ସରକାରୀ ଚାକିରୀ କରି ଅବସର ନେଇଛନ୍ତି। ସ୍କୁଲ ମିଶ୍ରଣ ହେବା ପରେ କୁନି କୁନି ପିଲାମାନେ ଏତେ ବାଟ ଯିବା ଆସିବା ବିପଦପୂର୍ଣ୍ଣ ଅଟେ। ଫଳରେ ସ୍କୁଲକୁ ଅନ୍ୟତ୍ର ଟ୍ୟାଗ୍ ନ କରିବା ପାଇଁ ସରପଞ୍ଚ ବିରୁପାକ୍ଷ ମହାପାତ୍ର ଏବଂ ଗ୍ରାମବାସୀ ବିଡିଓଙ୍କଠାରେ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ଯଦି ଏ ବିଷୟରେ ବିଚାର ନ କରି ସ୍କୁଲକୁ ଟ୍ୟାଗ୍ କରନ୍ତି ତେବେ ଆଗାମୀ ଦିନରେ ସେଠାରେ ଘରୋଇ ଶିକ୍ଷାନୁଷ୍ଠାନ ଖୋଲାଯାଇ ପିଲାମାନଙ୍କୁ ଶିକ୍ଷାଦାନ ଦିଆଯିବ ବୋଲି ସରପଞ୍ଚ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ଚୋରି ଘଟଣା: ଜେଲ ଗଲେ ୪ ଅଭିଯୁକ୍ତ

**ରୂପ୍‌ସା, ୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ହୀରାପୁର ଗ୍ରାମର ହରିଶ୍ଚନ୍ଦ୍ର ପ୍ରଧାନଙ୍କ ପିକଅପ ଭ୍ୟାନ୍ ଚୋରି ଘଟଣାରେ ପୋଲିସକୁ ସଫଳତା ମିଳିଛି। ଓଆଇସି କମଳାକାନ୍ତ ଦାସଙ୍କ ନେତୃତ୍ୱରେ ଏଏସ୍‌ଆଇ ନରହରି ମହାଳିକ ଓ ମୀନକେତନ ପ୍ରଧାନ ଶନିବାର ଓ ରବିବାର ୨ଦିନ ଧରି ଚଢ଼ାଉ କରିବା ପରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ରେମୁଣା ଥାନା ହରିପୁର ଗ୍ରାମର କଲିମ ଖାଁ ଓ ସେକ ପପୁ, ବସ୍ତା ଥାନା ଗୋବିନ୍ଦା ଗ୍ରାମର ବାପୁନ ଜେନା ଏବଂ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ପଟାସପୁର ଥାନା ଅଞ୍ଚଳର ଚୋରି ଭ୍ୟାନ୍ କିଣିଥିବା ବେପାରୀ ସେକ କାଲା। ଏମାନଙ୍କଠାରୁ ୪ ମୋବାଇଲ ଓ ୨ଟି ବାଇକ୍ ସହ ଚୋରି ଭ୍ୟାନ୍‌ର କଟାଯାଇଥିବା ଯନ୍ତ୍ରାଂଶ ଜବତ ହୋଇଛି। ରୂପ୍‌ସା କଲେଜ ରୋଡ଼ରେ ଛିଡ଼ା ହୋଇଥିବା ଏହି ଭ୍ୟାନ୍ (ନଂ. ଓଆର୍‌୦୧ଏଲ୍-୪୬୦୧)କୁ ଗତ ଜାନୁୟାରୀ ୨୬ ତାରିଖ ରାତିରେ ଅଭିଯୁକ୍ତମାନେ ଚୋରି କରି ପଶ୍ଚିମବଙ୍ଗ ନେଇଯାଇଥିଲେ। ଭ୍ୟାନ୍‌କୁ ସେଠାକାର ବେପାରୀ ସେକ କାଲାଙ୍କୁ ବିକ୍ରି ପରିବା ପରେ ଭ୍ୟାନ୍‌ର ଇଞ୍ଜିନ, ଚେଚିସ୍, ଡାଲା, ଟାୟାର ଆଦିକୁ କାଟି ଟିକ୍ ଟିକ୍ କରି ଦିଆଯାଇ କବାଡ଼ିଆକୁ ବିକ୍ରି ହୋଇଥିଲା। ଅଭିଯୋଗ ଅନୁଯାୟୀ ପୋଲିସ ଜାନୁୟାରୀ ୨୭ ତାରିଖରେ ଏକ ମାମଲା (ନଂ. ୧୦/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗିରଫ ୪ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ଆରଡ଼ି,୮।୨(ଡି.ଏନ.ଏ.):** ଦୀର୍ଘ ୧୦ ମାସ ପରେ ସୋମବାରଠାରୁ ନବମ ଓ ଏକାଦଶ ଶ୍ରେଣୀ ଖୋଲିଛି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମଠଡିହ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ସକାଳେ ସେମାନଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟିଙ୍କ ସମେତ ଶିକ୍ଷୟିତ୍ରୀ ମିନତିଲତା ପାକଳ, ବିନୋଦିନୀ ସ୍ୱାଇଁ, ନମିତା ମହାପାତ୍ର, ଶିକ୍ଷା କର୍ମଚାରୀ ପ୍ରଦୀପ ବିଶ୍ୱାଳ ଓ ପଞ୍ଚାନନ ନାୟକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଛାତ୍ରୀଛାତ୍ର ସାମାଜିକ ଦୂରତା ରକ୍ଷା କରି ଜଣଙ୍କ ପରେ ଜଣେ ଶ୍ରେଣୀଗୃହରେ ପ୍ରବେଶ କରିଥିଲେ। ସମସ୍ତଙ୍କର ଥର୍ମାଲ ସ୍କାନିଂ କରାଯାଇଥିଲା।

# 'ମହୋତ୍ସବ ସୃଜନାତ୍ମକ ଦକ୍ଷତା ପରିପ୍ରକାଶର ମାଧ୍ୟମ'

**ବାଲେଶ୍ୱର ଅଫିସ, ୮।୨**

ବାଲେଶ୍ୱର ଚାନ୍ଦିପୁର ବେଳାଭୂମିସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ଯୁବ ମହୋତ୍ସବ 'ସ୍ୟାଣ୍ଡଫେଷ୍ଟ-୨୦୨୧' ଶେଷ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଯୁବଗୋଷ୍ଠୀମାନଙ୍କର ସୃଜନାତ୍ମକ ଦକ୍ଷତାକୁ ପରିପ୍ରକାଶ କରିବା ମହୋତ୍ସବ ଉପଯୁକ୍ତ ମଞ୍ଚ। ଯଦ୍ୱାରା ନିଜ ଜିଲାକୁ ଜାତୀୟସ୍ତରରେ ପରିଚିତ କରାଇବାରେ ସହାୟକ ହୋଇପାରିବ। ମହୋତ୍ସବରେ ସଙ୍ଗଠନ ଚେୟାରମ୍ୟାନ୍ ଅଜୟ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରି ମହୋତ୍ସବର ଉଦ୍ଦେଶ୍ୟ, ସାଂସ୍କୃତିକ ସହ ସମ୍ପାଦିକା ଦେବଶ୍ରୀ ମହାନ୍ତି ମଞ୍ଚ ଆହ୍ୱାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ୟାମସୁନ୍ଦର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ବରିଷ୍ଠ ଖବରଦାତା ସତ୍ୟଶିବ ଦାସ, ସମାଜିକ କର୍ମୀ ମାନସ କୁମାର ଦତ୍ତ, ଚାନ୍ଦିପୁର ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଭୁ କଲ୍ୟାଣ ଆଚାର୍ଯ୍ୟ, ସାମାଜିକ କର୍ମୀ ସନ୍ତୋଷ କୁମାର ଖଟୁଆ, ପୂର୍ବତନ କାଉନ୍‌ସିଲର ସତ୍ୟଶିବ ସୁନ୍ଦର ଦାସ ଯୋଗଦେଇ ମହୋତ୍ସବ ଭାଇଚାରା ସୃଷ୍ଟି କରି ଦେଶ ଏବଂ ଜାତି ପାଇଁ ଏକତା ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରେଡିଓ ଜୋକି ଗୁଡ୍ଡୀ ଓ ସତ୍ୟମ୍ ମିଶ୍ର, ନିର୍ମଳା ଭୋଇ ବିଚାରକ ଭାବେ ସମ୍ମାନିତ କରାଯିବା ସଙ୍ଗେ କୋଭିଡ୍ ଯୋଦ୍ଧା ଡ. ସମାପିକା ପରିଡ଼ା, ଶୈଳେନ୍ଦ୍ର ସିଂ ବିନ୍ଟୁ, ମୁକ୍ତିକାନ୍ତ ବିଶ୍ୱାଳ, ଯୋଗେନ୍ଦ୍ର ଖଣ୍ଡେଲୱାଲ, ଦିଲ୍ଲୀପ କୁମାର ମଣ୍ଡଳ, ଆର୍ନ୍ତର୍ଜାତିକ ଖେଳାଳି ସତ୍ୟଜିତ ସିଂ ଏବଂ ଗୋପବନ୍ଧୁ ସୁଖଦୁଃଖର ସାଥୀ ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ସରିଲା ସ୍ୟାଣ୍ଡଫେଷ୍ଟ ଯୁବ ମହୋତ୍ସବ**



ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ବର୍ଦ୍ଧିତ ସଙ୍ଗଠନର ସଦସ୍ୟ।

# ଭଙ୍ଗା ଘରେ ଚାଲିଛି କାର୍ଯ୍ୟାଳୟ

**ବାସୁଦେବପୁର,୮।୨(ଡି.ଏନ.ଏ.)**

ଭଦ୍ରକ ଜିଲାର ବାସୁଦେବପୁର ଉଦ୍ୟାନ କୃଷି କାର୍ଯ୍ୟାଳୟ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ଉଦ୍ୟାନ କୃଷିର ଭିତ୍ତିଭୂମି ବିକାଶ ହୋଇପାରୁ ନାହିଁ। ମାତ୍ର ୨ କର୍ମଚାରୀଙ୍କୁ ନେଇ ଚାଲିଛି କାର୍ଯ୍ୟାଳୟ। ଜଣେ ସହକାରୀ ଅଧିକାରୀ ଓ ଜଣେ ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀ ବ୍ଲକର ୩୬ ପଞ୍ଚାୟତ, ପୌରପାଳିକାର ୨୩ ୱାର୍ଡ଼ର ଚାଷୀଙ୍କ କଥା ବୁଝିବା ସହ ଅଫିସ ଦାୟିତ୍ୱ ତୁଲାଇବା କଷ୍ଟକର। କୃଷି ବିଭାଗର ଓଭରସିଅର ସମେତ ଆବଶ୍ୟକ ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀ ପଦବୀ ଖାଲି ପଡ଼ିଥିବାରୁ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ଓ ସହାୟତା ଠିକ୍ ସମୟରେ ପ୍ରଦାନ କରାଯାଇପାରୁ ନ ଥିବା ଅଭିଯୋଗ ହେଉଛି। ଏହାଛଡ଼ା ୪ ବର୍ଷ ତଳୁ ନବନିର୍ମିତ ଗୃହ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଉ ନ ଥିବା ଜଣାପଡ଼ିଛି। ଫଳରେ ଗୃହ ବ୍ୟବହାର ନ ହୋଇ ଭାଙ୍ଗିବାକୁ ବସିଲାଣି। ଉକ୍ତ ଗୃହର ଚତୁଃପାର୍ଶ୍ୱ ଦବି ଯାଇଥିବା ବେଳେ କାନ୍ଥରେ ମଧ୍ୟ ଫାଟ ସୃଷ୍ଟି ହୋଇଛି। ନିର୍ମାଣ କରିଥିବା ସମ୍ପୃକ୍ତ ଠିକାଦାରଙ୍କ ହାତରେ ଏହାର ଚାବି ରହିଥିବା କୁହାଯାଉଛି। ନୂତନ ଗୃହ କାମରେ ଆସୁ ନ ଥିବାବେଳେ ଏକ ଭଙ୍ଗା ଘରେ କାର୍ଯ୍ୟାଳୟ ଚାଲିଛି। ସେହିପରି ଚାରିପାଖରେ ସ୍ଥାୟୀ ପାଚେରି ନ ଥିବାରୁ କାର୍ଯ୍ୟାଳୟ ଅସୁରକ୍ଷିତ ହୋଇପଡ଼ିଛି।



ଉଦ୍ୟାନ କୃଷି କାର୍ଯ୍ୟାଳୟର ନୂତନ ଗୃହ।

**ଉଦ୍ୟାନକୃଷି ଅଫିସ୍‌କୁ ହସ୍ତାନ୍ତର କରାଯାଉନି ନବନିର୍ମିତ ଗୃହ**

ବୋରୱେଲ କିମ୍ବା ନଳକୂପ ନ ଥିବା ଯୋଗୁ ପାଣି ଅଭାବରୁ ଠିକ୍ ଭାବେ ଚାରାରୋପଣ କରାଯାଇପାରୁ ନାହିଁ। ସ୍ଥାୟୀ ଜଗୁଆଳି ନ ଥିବାରୁ ଚାରାଗୁଡ଼ିକ ସୁରକ୍ଷିତ ରହୁନାହିଁ କି ଚାରା ତିଆରି କରାଯାଇପାରୁ ନ ଥିବା କୁହାଯାଉଛି।

ଏ ସମ୍ପର୍କରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୋନାଲି ସାହୁଙ୍କୁ ପଚାରିବାରୁ କାର୍ଯ୍ୟାଳୟର ସମସ୍ତ ସମସ୍ୟା କଥା ସେ ସ୍ୱୀକାର କରିବା ସହ ସରକାରୀ ସ୍ତରରେ ସମାଧାନ ହୋଇପାରିଲେ ଏହି ଅଞ୍ଚଳର ଚାଷୀମାନେ ଅଧିକ ଲାଭବାନ ହୋଇପାରନ୍ତେ ବୋଲି କହିଥିଲେ। କାର୍ଯ୍ୟାଳୟର ନୂତନ ଗୃହ ଚାବି ହସ୍ତାନ୍ତର କରାଯାଇ ନ ଥିବାରୁ ଭଙ୍ଗାଘରେ କାର୍ଯ୍ୟ କରିବାକୁ ପଡୁଛି ବୋଲି ସେ କହିଛନ୍ତି।

